## ସାହିତ୍ୟ ସମାଚାର

# ଅପସାହିତ୍ୟର ପ୍ରସାର : ଏକ ସଂକଟ

**ଶାନ୍ତିନିକେତନ**

ମାର୍ଚ୍ଚ ୧୯୯୩

**ସ**ମକାଳୀନ ପୃଥିବୀରେ ଅପସାହିତ୍ୟର ଅବାଧ ପ୍ରସାର ଏକ ସାମାଜିକ ସଂକଟ ସୃଷ୍ଟି କରିଛି। ଏହାର ପ୍ରାଦୁର୍ଭାବ ପୃଥିବୀରେ ଦ୍ରୁତ ଗତିରେ ଦେଖା ଦେଉଛି। ବୈଷୟିକ ଜ୍ଞାନର ଦ୍ରୁତତମ ବିକାଶ ସତ୍ତ୍ୱେ କଳା ଓ ସାହିତ୍ୟର ଯଥାଯଥ ମୂଲ୍ୟାୟନ ପାଇଁ କୌଣସି ମାନଦଣ୍ଡ ଏଯାବତ ସୃଷ୍ଟି ହୋଇପାରି ନାହିଁ। ଏହାର ସ୍ୱାଭାବିକ ପରିଣତି ଭାବେ ଦେଖାଦେଇଛି ଅପସାହିତ୍ୟର ନିରଙ୍କୁଶ ବୃଦ୍ଧି। ଶାନ୍ତିନିକେତନସ୍ଥ 'ବୁଧବାରିଆ ସାହିତ୍ୟ ଆସର'ର ମାର୍ଚ୍ଚ ୧୬ ତାରିଖ 'ବସନ୍ତଉତ୍ସବ'ରେ ଅତିଥିଭାବେ ଯୋଗଦେଇ ବିଶିଷ୍ଟ କଥାକାର ମନୋଜ ଦାସ ଏହି ମନ୍ତବ୍ୟ ପ୍ରଦାନ କରିଥିଲେ। ସମ୍ଭ୍ରାନ୍ତ 'ଚୀନାଭବନ' ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ଗାଳ୍ପିକ କଇଳାଶ ପଟ୍ଟନାୟକ। ପ୍ରାରମ୍ଭିକ 'ବସନ୍ତ ସଙ୍ଗୀତ' ଗାନ କରିଥିଲେ କୁମାରୀ ଡଲି ପଣ୍ଡା। ବହିରାଗତ ସଭ୍ୟମାନଙ୍କୁ ସ୍ୱାଗତ କରିଥିଲେ ଶ୍ରୀ ମନୋଜ ନନ୍ଦ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଟିକିଲିବାବୁ, ଅତିଥି ପରିଚୟ ପ୍ରଦାନ କରିଥିଲେ ଡକ୍ଟର ଗିରିବାଳା ମହାନ୍ତି। ସମ୍ପାଦକ ଶ୍ରୀ ନାରାୟଣ ଚନ୍ଦ୍ର ଦାସଙ୍କ ବିବରଣୀ ପାଠ ପରେ ଅତିଥି ଶ୍ରୀ ମନୋଜ ଦାସଙ୍କୁ ଆସର ପକ୍ଷରୁ ତାଙ୍କର ନିଷ୍ପାପର ସାହିତ୍ୟ ସାଧନା ପାଇଁ ଏକ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରିଥିଲେ ପ୍ରଫେସର ନରେନ୍ଦ୍ର ନାଥ ମିଶ୍ର। ମାନପତ୍ର ପାଠ କରିଥିଲେ ଗିରୀଶ ପ୍ରସାଦ ହୋତା। ଏହି ଅବସରରେ ଟିକିଲିବାବୁ ଓ ନାରାୟଣ ଚନ୍ଦ୍ର ଦାସଙ୍କ ସଂପାଦନାରେ ଆସରର ବସନ୍ତ-କବିତାର ବିଶେଷ ସ୍ମରଣିକା 'ବୈତାଳିକ', ଡକ୍ଟର ମିହିର ସାହୁଙ୍କ ଗଳ୍ପପୁସ୍ତକ 'ଅତିପ୍ରିୟ ଦୁଃଖସବୁ' ଓ ଟିକିଲିବାବୁଙ୍କ କ୍ଷୁଦ୍ର ନାଟକ ସଂକଳନ 'ଅଂଧକାରରସ୍ୱର' ଅତିଥି ଶ୍ରୀ ମନୋଜ ଦାସ ଉନ୍ମୋଚନ କରିଥିଲେ। ଏହି ଅବସରରେ ଶ୍ରୋତାମାନଙ୍କ ଦ୍ୱାରା ମନୋଜ ଦାସଙ୍କୁ ତାଙ୍କର ସାହିତ୍ୟ ସଂପର୍କିତ ବହୁବିଧ ପ୍ରଶ୍ନ ପଚରା ଯାଇଥିଲା। ଏହାଛଡ଼ା ଏହି ଅବସରରେ ଶ୍ରୀ ନଗେନ୍ ଦାସ ଓ ସତ୍ୟବ୍ରତ ଭାରତୀଙ୍କ ମିଳିତ ଆନୁକୂଲ୍ୟରେ ମନୋଜ ଦାସଙ୍କ ସାହିତ୍ୟକୃତି ଗୁଡ଼ିକର ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। □